# NATIONAL NEWS BULLETIN (ODIA)

**12 June- 2025**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଡିଜିଟାଲ ଭାରତର ବିଶ୍ୱସ୍ତରୀୟ ବୈଷୟିକ ଉନ୍ନତିର ସ୍ତମ୍ଭ ଭାବେ ଯୁବ ଉଦ୍‌ଭାବକଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।
- ଡିଜିଟାଲ ବିପ୍ଳବର ପ୍ରଭାବ ଭାରତର ସେବା ,ସୁଶାସନ ଓ ଗରିବ କଲ୍ୟାଣ ନୀତିକୁ ପ୍ରଭାବିତ କରିଛି - ଏକ ରିପୋର୍ଟ ।
- ଅନ୍ତର୍ଜାତୀୟ ଯୋଗ ଦିବସରେ ଦେଶର ୬୨ହଜାରରୁ ଅଧିକ ସଂଗଠନ ଆୟୋଜନ କରିବେ ଯୋଗ ସଙ୍ଗମ ।

ଏବଂ

- ଆଇପିଏଲ୍ ବିଜୟ ଉତ୍ସବରେ ଦଳାଚକଟା ଘଟଣାରେ ଆଜି ପ୍ରାଥମିକ ରାୟ ପ୍ରକାଶ କରିବେ କର୍ଣ୍ଣାଟକ ହାଇକୋର୍ଟ ।

## ପିଏମ୍ ଟେକ୍ନୋଲୋଜି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତି ବିଦ୍ୟାର ବିକାଶ ଏବଂ ଦେଶର ଆତ୍ମନିର୍ଭରଶୀଳତାକୁ ଆଗେଇ ନେବାରେ ଭାରତର ଯୁବ ଉଦ୍ଭାବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୧୧ ବର୍ଷ ମଧ୍ୟରେ ଏକ ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଭାବରେ ଭାରତ ଉଭା ହୋଇଛି ଏବଂ ଡିଜିଟାଲ ଇଣ୍ଡିଆ

ଆମ ଦେଶର ଯୁବପୀଢ଼ିକୁ ନବସୃଜନର ଉପଯୋଗ କରିବା ଲାଗି ସଶକ୍ତ କରିଛି ।

ମାଇଁ ଗଭ୍ ଇଣ୍ଡିଆ ଦ୍ୱାରା ସାମାଜିକ ଗଣମାଧ୍ୟମ ଏକ୍ସରେ ଦିଆଯାଇଥିବା ପୋଷ୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ପ୍ରଯୁକ୍ତି ବିଦ୍ୟାର ଲାଭ ଉଠାଇ ନାଗରିକମାନେ ସ୍ୱଚ୍ଛ ଶାସନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଡିଜିଟାଲ ଇଣ୍ଡିଆ ପଦକ୍ଷେପ ପ୍ରଯୁକ୍ତି ବିଦ୍ୟାକୁ ସଶକ୍ତ କରିବା ସହ ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁଯୋଗ ଉନ୍ମୁକ୍ତ କରିଛି ଏବଂ ଶାସନ ବ୍ୟବସ୍ଥାକୁ ନାଗରିକ କେନ୍ଦ୍ରିତ କରିପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ୍ ସୁବିଧାଠାରୁ ଆରମ୍ଭ କରି ବାସ୍ତବ ସମୟରେ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନରେ ବିଶ୍ୱର ନେତୃତ୍ୱ ନେଉଛି । ଶ୍ରୀ ମୋଦୀ ଡିଜିଟାଲ ଇଣ୍ଡିଆର ୧୧ବର୍ଷର ଯାତ୍ରାକୁ ସମାବେଶୀ ଅଭିବୃଦ୍ଧି, ନବସୃଜନ ଏବଂ ଡିଜିଟାଲ ସଶକ୍ତିକରଣ ଭାବେ ବର୍ଣ୍ଣନା କରିଛନ୍ତି ।

# ସ୍ପେଶାଲ ଫିଚର

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତି ଦ୍ୱାରା ପରିଚାଳିତ ଭାରତ ଏକ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଇ ଗତି କରିଛି । ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ରରେ ସରକାରଙ୍କ ପ୍ରୟାସ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା କରୁଛି । ଆଜି

ଶୁଣିବା ଡିଜିଟାଲ୍ ଇଣ୍ଡିଆ ଉପରେ ଯାହା ଦ୍ୱାରା ପ୍ରଯୁକ୍ତି ବିଦ୍ୟା ସୁଶାସନ, ଅନ୍ତର୍ଭୁକ୍ତିକରଣ ଏବଂ ସଶକ୍ତିକରଣର ମୁଖ୍ୟ ସ୍ତମ୍ଭ ହୋଇପାରିଛି।

ଗତ ଦଶନ୍ଧି ମଧ୍ୟରେ, ସରକାର ସମାବେଶୀ ବିକାଶ ଏବଂ ସହଜ ଜୀବନଯାପନ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଏକ ଶକ୍ତିଶାଳୀ ଆୟୁଧ ଭାବରେ ବ୍ୟବହାର କରିଛନ୍ତି। ଫଳରେ ଡିଜିଟାଲ ପେମେଣ୍ଟ ପ୍ରକ୍ରିୟାକୁ ଉଲ୍ଲେଖନୀୟ ସଫଳତା ମିଳିପାରିଛି। କେବଳ ୨୦୨୫ ଏପ୍ରିଲରେ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କାର ୧ ହଜାର ୮୬୭ କୋଟିରୁ ଅଧିକ ୟୁପିଆଇ କାରବାର ରେକର୍ଡ କରାଯାଇଥିଲା। ୟୁଏଇ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ ସମେତ ସାତଟି ଦେଶରେ ବ୍ୟାପ୍ତ ୟୁପିଆଇ ଭାରତକୁ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରମାଣିତ କରିଛି।

ଅନ୍ୟପକ୍ଷରେ ଡାଟା ମୂଲ୍ୟରେ ୯୬ ପ୍ରତିଶତ ହ୍ରାସ ସହିତ ୯୯.୬ ପ୍ରତିଶତ ଜିଲ୍ଲାରେ ଫାଇଭ ଜି ରୋଲଆଉଟ୍ ମଧ୍ୟ ଭାରତର ଡିଜିଟାଲ୍ ରୂପାନ୍ତରରେ ଏକ ନୂତନ ଯୁଗକୁ ବିକାଶ ପଥରେ ଆଗେଇ ନେଇଛି। ଏହା ବ୍ୟତୀତ ୨.୧୮ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତ ନିକଟରେ ଏବେ ଭାରତନେଟ ଯୋଜନା ଅଧୀନରେ ବ୍ରଡବ୍ୟାଣ୍ଡ ସୁବିଧା ରହିଛି।

ଗତ ୧୧ ବର୍ଷ ମଧ୍ୟରେ ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୮୫ ପ୍ରତିଶତ ବୃଦ୍ଧି ପାଇଛି। ଯେତେବେଳେ କି, ଭାଷିନୀ ଭଳି ପଦକ୍ଷେପ ଦ୍ୱାରା ଭାଷାର ବିଭାଜନ ହ୍ରାସ ପାଉଛି ଓ ୨୨ଟି ଭାରତୀୟ ଭାଷାରେ କୃତ୍ରିମ ବୁଦ୍ଧିମତା ପରିଚାଳିତ ଅନୁବାଦ ସମ୍ଭବ ହୋଇପାରିଛି।

ଆଧାର ପ୍ରମାଣୀକରଣ ଦ୍ୱାରା ପରିଚାଳିତ ପ୍ରତ୍ୟେକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥା ଲକ୍ଷ ଲକ୍ଷ ନକଲି ହିତାଧିକାରୀଙ୍କୁ ହଟାଇ ଦେଇ ସ୍ୱଚ୍ଛତା ସୁନିଶ୍ଚିତ କରିବା ସହ ସରକାରୀ ପାଣ୍ଠି ସଞ୍ଚୟ କରିଛି । ପ୍ରଯୁକ୍ତିବିଦ୍ୟା ଭାରତକୁ ଏକ କରିବା ସହ ଭାରତର ଜୀବନଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି ।

## ୱାର୍ଲଡ୍ ଚାଇଲଡ୍ ଲେବର ଡେ

ଆନ୍ତର୍ଜାତିକ ଶିଶୁଶ୍ରମ ନିରୋଧୀ ଦିବସ ଆଜି ବିଶ୍ୱବ୍ୟାପୀ ପାଳନ କରାଯାଉଛି । ଶିଶୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦିବସର ଚଳିତବର୍ଷର ବାର୍ତ୍ତା ହେଉଛି "ବିକାଶରେ ସ୍ୱଚ୍ଛତା ରହିଛି, ତେବେ ଅନେକ କିଛି କରିବାର ଅଛି, ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରିବା ।" ଏ ଦିଗରେ ହାସଲ ହୋଇଥିବା ବିକାଶ ଏବଂ ବୈଶ୍ୱିକ ଲକ୍ଷ୍ୟ ହାସଲ ନିମନ୍ତେ ଆମର ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବା ଏହି ବାର୍ତ୍ତା ମାଧ୍ୟମରେ ପ୍ରତିଫଳିତ ହେଉଛି । ଆନ୍ତର୍ଜାତିକ ଶ୍ରମ ସଂଗଠନ ଏବଂ ମିଳିତ ଜାତିସଂଘ ଶିଶୁ ପାଣ୍ଠି ଦ୍ୱାରା ମିଳିତ ଭାବେ ଗତକାଲି ଜାରି କରାଯାଇଥିବା ଏକ ରିପୋର୍ଟରୁ ଦର୍ଶାଯାଇଛି ଗତବର୍ଷର ପ୍ରାୟ ୧୩୮ ମିଲିୟନ ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ । ସେଥିମଧ୍ୟରୁ

ପ୍ରାୟ ୫୪ ମିଲିୟନ ଶିଶୁ ସ୍ୱାସ୍ଥ୍ୟ, ସୁରକ୍ଷା ତଥା ବିକାଶ ପ୍ରତି ବିପଦ ଥିବା କ୍ଷେତ୍ରରେ ନିୟୋଜିତ ଥିଲେ ।

## ଯୋଗ ଦିବସ

ଚଳିତ ମାସ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସରେ ସାଧାରଣ ଯୋଗ ପ୍ରୋଟୋକଲ ଆଧାରରେ ଏକ ସମୟରେ ଏକ ଲକ୍ଷରୁ ଅଧିକ ଯୋଗ କାର୍ଯ୍ୟକ୍ରମ ସକାଳ ୬:୩୦ରୁ ୭:୪୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ବର୍ଷର ଯୋଗ ଦିବସର ବାର୍ତ୍ତା ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ'। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ମୁଖ୍ୟ କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଅନୁଷ୍ଠିତ ହେବ, ଯେଉଁଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିବେ। ସେ କହିଛନ୍ତି, ସାରା ଦେଶରୁ ୬୫ ହଜାରରୁ ଅଧିକ ସଙ୍ଗଠନ ଯୋଗ ସଙ୍ଗମ ଆୟୋଜନ କରିବା ପାଇଁ ପଞ୍ଜିକରଣ କରିଛନ୍ତି। ଶ୍ରୀ ଯାଦବ କହିଛନ୍ତି ଯେ ବିଶାଖାପାଟଣାରେ ଆୟୋଜିତ ହେବାକୁ ଥିବା ମୁଖ୍ୟ ଯୋଗ ଦିବସ କାର୍ଯ୍ୟକ୍ରମରେ ପ୍ରାୟ ୪୦ଟି ଦେଶର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ।

**V/O (Pratap Rao Jadav)**

ଦିଲ୍ଲୀରେ ଲାଲକିଲ୍ଲା, କର୍ତ୍ତବ୍ୟ ପଥ ଏବଂ ଲୋଧି ଉଦ୍ୟାନ ଭଳି ପ୍ରତିଷ୍ଠିତ ସ୍ଥାନ ସମେତ ୧୧୧ଟି ସ୍ଥାନରେ ଯୋଗ ଦିବସ ପାଳନ କରାଯିବ। ଆମର ସମ୍ବାଦଦାତା ସୂଚନା ଦେଇଛନ୍ତି ଯେ ଜାତିସଂଘର ସାଧାରଣ ସଭା

୨୦୧୪ ଡିସେମ୍ବର ୧୧ରେ ଗ୍ରହଣ କରିଥିବା ସଂକଳ୍ପରେ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ଘୋଷଣା କରିଥିଲା। ୨୦୧୫ ମସିହାରୁ ଅନ୍ତର୍ଜାତୀୟ ଯୋଗ ଦିବସ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ପାଇଁ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଯୋଗ ହେଉଛି ଭାରତର ଏକ ପ୍ରାଚୀନ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଅଭ୍ୟାସ।

## ଆୟୁଷ ମିନିଷ୍ଟର ଇଣ୍ଟରଭ୍ୟୁ

କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ ଯୋଗକୁ ସାରା ଭାରତ ଏବଂ ବିଶ୍ୱରେ ଏକ ପରିବର୍ତ୍ତନଶୀଳ ସୁସ୍ଥ ଅଭ୍ୟାସ ଭାବରେ ପ୍ରୋତ୍ସାହିତ କରିବାରେ ମୋଦୀ ସରକାରଙ୍କ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଛନ୍ତି । ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଆୟୁଷ ମନ୍ତ୍ରୀ ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ କହିଛନ୍ତି ଆୟୁଷ ମନ୍ତ୍ରଣାଳୟ ଗଠନ ଠାରୁ ଅନ୍ତର୍ଜାତୀୟ ଯୋଗ ଦିବସ ପର୍ଯ୍ୟନ୍ତ ଭାରତର ଭୂମିକା ବିଶ୍ୱରେ ନୂତନ ଦିଗନ୍ତ ସୃଷ୍ଟି କରିଛି । ସେ କହିଛନ୍ତି କାର୍ଯ୍ୟକ୍ଷେତ୍ରରେ ୱାଇ ବ୍ରେକ୍ ଭଳି ବୈଷୟିକ ବ୍ୟବସ୍ଥା ବିଷୟରେ ମଧ୍ୟ ସେ ବିସ୍ତୃତଭାବେ ବର୍ଣ୍ଣନା କରିଛନ୍ତି । ଆଜି ରାତି ୯ଟା ୩୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଏଫ୍‌ଏମ୍ ଗୋଲ୍ଡ ଚ୍ୟାନେଲ ଏବଂ ଆକାଶବାଣୀର ସମସ୍ତ ନେଟୱ୍ୱର୍କରେ 'ବିକଶିତ ଭାରତର

ଅମୃତକାଳ’ ଶୀର୍ଷକ ସିରିଜ୍‌ର ଏକ ଅଂଶ ଭାବରେ ଏହି ସାକ୍ଷାତ୍‌କାର ପ୍ରସାରିତ ହେବ । ଆକାଶବାଣୀ ସମ୍ବାଦ ବିଭାଗର ନ୍ୟୁଜ୍ ଅନ୍ ଏଆଇଆର୍ ଅଫିସିଆଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଏହାର ପ୍ରସାରଣ କରାଯିବ ।

## ରିଜିଜୁ ସମ୍ବର୍ଦ୍ଧନା ପର୍ବ

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ନୂଆଦିଲ୍ଲୀର ରାଜଘାଟ ଠାରେ ଲୋକସମ୍ବର୍ଦ୍ଧନ ପର୍ବକୁ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ରବିବାର ଦିନ ଶେଷ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ଲକ୍ଷ୍ୟ ନେଇ କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା, ପଦକ୍ଷେପ ଏବଂ ସଫଳତା ପ୍ରଦର୍ଶନ କରାଯିବ । ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷକରି କାରିଗର ଓ ପାରମ୍ପରିକ କାରିଗରଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏହି କାର୍ଯ୍ୟକ୍ରମ ସରକାରଙ୍କ ନିରନ୍ତର ପ୍ରୟାସ ସମ୍ପର୍କରେ ସୂଚନା ଦେଉଛି ।

**V/O (Kiran Rijiju)**

ଗଣମାଧ୍ୟମ ସହ କଥାବାର୍ତ୍ତା କରି ଶ୍ରୀ ରିଜିଜୁ କହିଛନ୍ତି ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ପାଖରେ ବହୁତ ପ୍ରତିଭା ରହିଛି, ତେଣୁ ସେମାନଙ୍କ କଳାକୃତିକୁ ଲୋକଲୋଚନକୁ ଆଣିବା ପାଇଁ ଏଭଳି ମଞ୍ଚ ସୃଷ୍ଟି କରାଯାଇଛି । ଏହାବ୍ୟତୀତ ବିଭିନ୍ନ ରାଜ୍ୟର ଉତ୍ପାଦ ଅନ୍ୟ ରାଜ୍ୟରେ ପରିଚିତ କରାଇବା ଦିଗରେ ଏହି ମଞ୍ଚ ସହାୟକ ହେବ । ସୂଚନାଯୋଗ୍ୟ

ଏହି କାର୍ଯ୍ୟକ୍ରମରେ ଲାଖ ଚୂଡି, କାଠ ଚିତ୍ରକଳା, ବନାରସୀ, ଫୁଲକାରୀ ଏବଂ ଚମଡା କଳାକୃତୀ ପ୍ରଦର୍ଶିତ ହେବ ।

## କର୍ଣ୍ଣାଟକ ହାଇକୋର୍ଟ-ଆର୍‌ସିବି

କର୍ଣ୍ଣାଟକ ହାଇକୋର୍ଟ ଆଜି ଅପରାହ୍ଣରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ମାମଲାରେ ରାୟପ୍ରକାଶ କରିବେ । ରୟାଲ ଚ୍ୟାଲେଞ୍ଜର୍ସ ସ୍ପୋର୍ଟ୍‌ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଡିଏନ୍‌ଏ ନେଟୱାର୍କ୍‌ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆଗତ ଆବେଦନ ଉପରେ ବିଚାରପତି ଜଷ୍ଟିସ ଏସ୍.ଆର୍.କ୍ରିଷ୍ଣକୁମାର ରାୟ ଶୁଣାଇବେ ବୋଲି ଜଣାପଡିଛି । ଗତକାଲି ଜଷ୍ଟିସ କ୍ରିଷ୍ଣାକୁମାର ଏହି ମାମଲାର ଶୁଣାଣି କରିଥିଲେ ।

## ଏକ୍ସରସାଇଜ୍ ଶକ୍ତି ୨୦୨୫

ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏକ ମିଳିତ ସାମରିକ ଅଭ୍ୟାସ ୨୦୨୫ର ଅଷ୍ଟମ ସଂସ୍କରଣ ଆସନ୍ତା ୧୮ ତାରିଖରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସର କ୍ୟାଭଲେରିଠାରେ ଅନୁଷ୍ଠିତ ହେବ । ଏହି ସାମରିକ ଅଭ୍ୟାସ ଉଦ୍ଦେଶ୍ୟ ହେଉଛି ଏକ ପାରମ୍ପରିକ ପରିସ୍ଥିତିରେ ବହୁ ଡୋମେନ୍ ଅପରେସନ କରିବା ପାଇଁ ଉଭୟ ପକ୍ଷର ସାମରିକ କ୍ଷମତାକୁ ଅଭିବୃଦ୍ଧି କରିବା । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଭାରତୀୟ ସେନା

ପକ୍ଷରୁ କୁହାଯାଇଛି ଏହି ମିଳିତ ସମରାଭ୍ୟାସ ଯୋଗୁଁ ଦୁଇଦେଶ  ସେନା ମଧ୍ୟରେ ଆନ୍ତଃକାର୍ଯ୍ୟକ୍ଷମତା ଏବଂ ସୌହାର୍ଦ୍ଦ୍ୟରେ ଅଭିବୃଦ୍ଧି ହୋଇପାରିବ । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁସାରେ ଏହି ଅଭ୍ୟାସ ଉଭୟପକ୍ଷର ମିଳିତ ଅପରେସନ ପରିଚାଳନାର ରଣନୀତି, କୌଶଳ ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ଜାଣିବାରେ ସହାୟକ ହୋଇପାରିବ । ଏହାଦ୍ୱାରା ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଅଭିବୃଦ୍ଧି ଘଟିବା ସହ ଦୁଇ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ହୋଇପାରିବ ।